### ଆଶ୍ରମରେ ଭଙ୍ଗାରୁଜା ଓ ବାବାଙ୍କୁ ମାଡ଼ ଘଟଣା

# ଥାନାରେ ୩ ଲିଖିତ ଅଭିଯୋଗ; ଗୋଟିଏ ମାମଲା ରୁଜୁ

**ପାରଳାଖେମୁଣ୍ଡି/ରାୟଗଡ଼,୧।୩(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ପର୍ଶୁରାମଙ୍କ ତପସ୍ଥଳୀ ପବିତ୍ର ତଥା ଅଧ୍ୟାତ୍ମିକ କ୍ଷେତ୍ର ମହେନ୍ଦ୍ରଗିରି ଅଶାନ୍ତ ହୋଇପଡ଼ିଛି। ଏହାର କାରଣ ପ୍ରଶାସନର ନୀରବତା ଓ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ମାତ୍ରାଧିକ ହସ୍ତକ୍ଷେପ ବୋଲି ଆଲୋଚନା ହେଉଛି।

ପ୍ରଶାସନ ମହେନ୍ଦ୍ରଗିରିରେ ଜାଗରଯାତ୍ରା ଆୟୋଜନ କରି କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଏହାର ସୁରକ୍ଷା, ଉପଜୁଥିବା ସମସ୍ୟା ଆଦିକୁ ଅଣଦେଖା କରିଚାଲିଛି। ଯେଉଁଥିପାଇଁ ଯୁଗ ଯୁଗ ଧରି ମହେନ୍ଦ୍ରଗିରି ଅଞ୍ଚଳରେ ରହିଆସୁଥିବା ଓ ମହେନ୍ଦ୍ରଗିରିର ପରମ୍ପରାରେ ଚଳନି କରୁଥିବା ଅଧିବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମହେନ୍ଦ୍ରଗିରିଠାରେ ଥିବା ବାବାଙ୍କ ଆଶ୍ରମରେ ଶନିବାର ଦୁର୍ବୃତ୍ତମାନେ ପଶି ଭଙ୍ଗାରୁଜା କରିବା ସହ ବାବାଙ୍କୁ ମାଡ଼ ମାରି ନିଆଁ ଲଗାଇ ବିଭିନ୍ନ ସାମଗ୍ରୀ ପୋଡ଼ି ଦେଇଥିଲେ। ରବିବାର ମହେନ୍ଦ୍ରଗିରି ଇକୋ ଡେଭଲପମେଣ୍ଟ କମିଟି ପକ୍ଷରୁ ଗାରାବନ୍ଧ ଥାନାରେ



ଏତଲା ଦିଆଯାଇଛି। ଏତଲାକୁ ଭିତ୍ତିକରି ଗାରାବନ୍ଧ ଥାନାରେ କେସ୍ ନଂ.୧୪/୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ସୂଚନା ଦେଇଛନ୍ତି। ସେହିପରି ମହେନ୍ଦ୍ରଗିରି ଇକୋ ଉନ୍ନୟନ କମିଟିର ସଭାପତି ସନ୍ୟାସୀ ଭୂୟାଁ ଓ ମହେନ୍ଦ୍ରଗିରି ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀମାନେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଶନିବାର ମଧ୍ୟାହ୍ନରେ କିଛି ବ୍ୟକ୍ତି ଓ ମହିଳାମାନେ ଆସି କୁନ୍ତୀ ମନ୍ଦିର ନିକଟରେ ଥିବା ମହେନ୍ଦ୍ର ଆଶ୍ରମ ଓ ଏହା ପରିସରରେ କବାଟ ଭାଙ୍ଗି ପଶି ଭିତରେ ଥିବା ଜିନିଷ ପତ୍ର ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏହାସହ ପର୍ଯ୍ୟଟକଙ୍କ ପାଇଁ ତିଆରି ହୋଇଥିବା ଇକୋରିସର୍ଟ୍ ପାଇଁ ପାଣି ଯୋଗାଉଥିବା ଦୁଇଟି ପାଣି ମଟର ଭାଙ୍ଗିବା ସହ ପାଣି ପାଇପ୍ ଗୁଡିକ ମଧ୍ୟ କାଟି ଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ଇକୋରିସର୍ଟ୍‌କୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ପର୍ଯ୍ୟଟକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ସୁରକ୍ଷା ଦୃଷ୍ଟିରୁ ଏଠାକୁ ଆସିବାକୁ ମୁହଁ ମୋଡୁଛନ୍ତି।

ଅନ୍ୟପକ୍ଷରେ, ପ୍ରଶାସନର ଏକପାଖିଆ ନିଷ୍ପତି, ଇକୋ ରିଟ୍ରିଟ୍ ନାମରେ ସଂସ୍କୃତି ଧ୍ୱଂସ କରାଯାଉଥିବା, ପର୍ଯ୍ୟଟକ ପ୍ରକୃତି ନଷ୍ଟ ହେବାରେ ଲାଗିଛି। ବର୍ଷ ବର୍ଷ ଧରି ଐତିହ୍ୟକୁ ବଞ୍ଚାଇ ରଖିଥିବା ସ୍ଥାନୀୟ ଆଦିବାସୀମାନଙ୍କୁ ଅଣଦେଖା କରାଯିବା, ଆଦିବାସୀଙ୍କ ଅଭିଯୋଗକୁ ଗ୍ରହଣ ନକରିବା, କୌଣସି କ୍ଷେତ୍ରରେ ତାଙ୍କ ସମସ୍ୟାକୁ ଧ୍ୟାନ ନଦିଆଯିବା, ପର୍ଯ୍ୟଟକଙ୍କ ବିଶୃଙ୍ଖଳିତ ଆଚରଣ ଓ ସ୍ଥାନୀୟ ଆଦିବାସୀ ତଥା ସେବକମାନେ ଏହାର ପ୍ରତିବାଦ କଲେ ସେମାନଙ୍କୁ ଦୁର୍ବୃତ୍ତର ଆଖ୍ୟା ଦିଆଯିବା ଆଦି ଘଟଣାକୁ କଦାପି ଗ୍ରହଣ କରାଯିବ ନାହିଁ, ଦୃଢ ପ୍ରତିବାଦ ହେବ ବୋଲି କହିଛନ୍ତି ପୂର୍ବତନ ରାୟଗଡ଼ ବ୍ଲକ ଅଧ୍ୟକ୍ଷ ତଥା ବାରଘର ବାସିନ୍ଦା ଧନେଶ୍ୱର ଭୂୟାଁ ପ୍ରମୁଖ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ; ଜଣେ ଗୁରୁତର

**ବ୍ରହ୍ମପୁର,୧।୩(ସମିସ):** ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାରେ ପୁଣି ଏକ ସଡ଼କ ଦୁର୍ଘଟଣା ଜଣଙ୍କ ଜୀବନ ନେଇଛି। ବାଳକୁମାରୀ ମନ୍ଦିରରୁ ଦର୍ଶନ ସାରି ବାଇକ୍‌ରେ ଫେରୁଥିବା ୨ ଜଣ ଯୁବକଙ୍କୁ ଏକ ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ଲାଞ୍ଜିଆ-ବାଳକୃଷ୍ଣପୁର ମଝି ରାସ୍ତାରେ ରବିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ହେଲେ ବୋରିଗାଁର କୁନା ସାହୁ(୨୫)। ଗୁରୁତର ଯୁବକ ସଞ୍ଜୟ ସାହୁ(୨୮)ଙ୍କୁ ସଦର ଥାନା ପୁଲିସ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛି। ସୂଚନାପ୍ରକାରେ, ସଦର ଥାନା ଅନ୍ତର୍ଗତ ବୋରିଗାଁର ଜଣେ ବ୍ୟକ୍ତି ବାଳକୁମାରୀ ମନ୍ଦିରରେ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଗ୍ରାମର ଅନେକ ଲୋକ ସେଠାକୁ ଭୋଜି ଖାଇବାକୁ ଯାଇଥିଲେ। ଭୋଜି ସରିବା ପରେ ଗ୍ରାମର କୁନା ଓ ସଞ୍ଜୟ ଗୋଟିଏ ବାଇକ୍‌ରେ ଫେରୁଥିଲେ। ଏହି ୨ ଜଣ ବାଳକୃଷ୍ଣପୁର-ଲାଞ୍ଜିଆ ମଝି ରାସ୍ତାରେ ହୋଇଥିବା ବେଳେ ବ୍ରହ୍ମପୁର ପଟୁ ଦିଗପହଣ୍ଡି ଆଡକୁ ଯାଉଥିବା ଏକ ବାଲେରୋ ବାଇକକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ କୁନା ଓ ସଞ୍ଜୟ ରାସ୍ତାରେ ଛିଟିକି ପଡିଥିଲେ। କୁନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଓ ପୁଲିସ ଆମ୍ବୁଲାନ୍ସ ଯୋଗେ ସଞ୍ଜୟଙ୍କୁ ମେଡିକାଲ ପଠାଇଥିଲେ। ଦୁର୍ଘଟଣା ଘଟାଇବା ପରେ ସେହି ଗାଡ଼ିଟି ଫେରାର ହୋଇଯାଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଗାଡିଟି ଜନନୀ ଏକ୍ସପ୍ରେସ ବୋଲି କୁହାଯାଉଛି। ପୁଲିସ ଉକ୍ତ ଗାଡିକୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

## ହୁମର ଗ୍ରାମରେ ବିଜେପିର ମିଶ୍ରଣ ପର୍ବ

**ଛତ୍ରପୁର,୧।୩(ସମିସ):** ଗଞ୍ଜାମ ଜିଲ୍ଲା ପୋଡାପଦର ପଞ୍ଚାୟତର ହୁମ୍ବର ଗାଁରେ ବିଜେପିର ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଯୁବନେତା ବିଭୂତି ଭୂଷଣ ସ୍ୱାଇଁଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ଜଣେ କାଉନ୍‌ସିଲର ତଥା ଗ୍ରାମ୍ୟ କମିଟିର ବହୁ ସଦସ୍ୟ ବିଜେପିରେ ସାମିଲ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଯୋଗ ଦେଇଥିଲେ। ହାଇକୋର୍ଟ ଓକିଲ ତଥା ଯୁବନେତା ବିଭୂତି ଭୂଷଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣ ନାୟକ, ପୂର୍ବତନ ଉପ-ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। କଣମଣା ମଣ୍ଡଳ ସଭାପତି ଏନ୍.ଦୀନବନ୍ଧୁ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିବା ବେଳେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର୍. ସନ୍ତୋଷ ରେଡ୍ଡୀ, ବିଜେପି ଜିଲ୍ଲା ସାଧାରଣ ସଂପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଓ ବସନ୍ତ କୁମାର ବେହେରା, ଛତ୍ରପୁର ମଣ୍ଡଳ ସଭାପତି ଗୋରୀଶଙ୍କର ନାହାକ, ପୂର୍ବତନ ଜିଲ୍ଲା ସଂପାଦକ ଲକ୍ଷ୍ମୀନାରାୟଣ ପଣ୍ଡା, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ବାପି ଦାସ ଓ ରାଜେନ୍ଦ୍ର ପଲାଇଙ୍କ ସମେତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**କୁକୁଡ଼ାଖଣ୍ଡି,୧।୩(ସମିସ):** ଦକ୍ଷିଣପୁର କ୍ଲଷ୍ଟରସ୍ଥ ବାଘଝରି ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥି ଓ ରବୀନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭେନୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଆଚାରୀ ମଞ୍ଚ ପରିଚାଳନା କରି ଅତିଥି ମାନଙ୍କ ପରିଚୟ କରିଥିଲେ ଓ ଏଥିରେ ତଳ କୁମ୍ଭଝରି ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତା ପାତ୍ର, ବିରି ବାଡିଆ ପ୍ରଧାନ ଶିକ୍ଷକ ସୌମିୟ ରଞ୍ଜନ ଦାସ, ବୁଦାଲୁଣ୍ଡି ପ୍ରଧାନ ଶିକ୍ଷୟିତ୍ରୀ ମହାଲକ୍ଷ୍ମୀ କର ତାଙ୍କୁ ସହଯୋଗ କରିଥିଲେ। କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଏମସିଏମରେ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆରସିସି ଦୃଷ୍ମନ୍ତ କୁମାର ପଟ୍ଟନାୟକ ଉପସ୍ଥିତି ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଏମସିଏମକୁ ସ୍ୱାଗତ କରି ଏମସିଏମକୁ ପରିଚାଳନା କରିଥିଲେ। ପ୍ରିୟା ଆଚାରୀ ଏବଂ ବିଦ୍ୟାଳୟ ପାଚିକା ମାନେ ଭୋଜନ ପ୍ରସ୍ତୁତି ଓ ପରିବେଷଣ ଦାୟିତ୍ୱ ନେଇଥିଲେ।

## ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ର

**ବେଲଗୁଣ୍ଠା,୧।୩(ସମିସ):** ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଗିରିଧର



ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର କେଏସ୍‌ୟୁବି ମହାବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ରଥ, ମୁଖ୍ୟବକ୍ତା ଭାବେ ଘୁ.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଦୂତିକୃଷ୍ଣ ଖଣ୍ଡୁଆଳ, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡା ରବିନାରାୟଣ ପାତ୍ର, ପଦାର୍ଥ ବିଜ୍ଞାନ ପ୍ରଦର୍ଶକ ସଞ୍ଜୟ କୁମାର ପଣ୍ଡା, ବିଜ୍ଞାନଗାର ସହାୟକ ଶ୍ରୀନିବାସ ତ୍ରିପାଠୀ ଯୋଗଦେଇଥିଲେ। ଜାତୀୟ ବିଜ୍ଞାନ ଦିବସ ଅବସରରେ ଥୋରିୟମ ଭବିଷ୍ୟତ ଶକ୍ତିର ଉତ୍ସ ଉପରେ ଏକ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୭୦ ମସିହା ସୁଦ୍ଧା ଭାରତର ଅଙ୍ଗାରକ ନିଷ୍କାସନ ବନ୍ଦ କରିବା ପାଇଁ ଯେଉଁ ପ୍ରତିବଦ୍ଧତା ରହିବ ତାହା ପାଇଁ ଏହା ଏକ ପ୍ରୟାସ। କାର୍ଯ୍ୟକ୍ରମରେ ରୂପାରାଣୀ ସ୍ୱାଇଁ ସନ୍ଦର୍ଭ ପାଠ କରିଥିଲେ ଓ କାଜଲ ସ୍ୱାଇଁ ବିଭାଗୀୟ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଅପରେସନ ସାଇବର୍ କବଚ; ଜଣେ ଗିରଫ

**ପୋଲସରା,୧।୩(ସମିସ):** ପୋଲସରା ଥାନା ପକ୍ଷରୁ ଅପରେସନ ସାଇବର କବଚ ଜରିଆରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ଚଢ଼ିଆପଡ଼ା ଗ୍ରାମର ପପୁ ସାହୁ (୨୭)। ପୋଲସରା ଥାନା ଅଧିକାରୀ କୌଶିକ ମାଝୀଙ୍କ ସୂଚନା ଅନୁଯାୟୀ, ସାଇବର କବଚ ଅଭିଯାନରେ ପୁଲିସ ପକ୍ଷରୁ ସନ୍ଦେହଜନକ ବ୍ୟାଙ୍କ୍‌ଖାତା ଉପରେ ନଜର



ରଖାଯାଇଥିଲା। ଏହିକ୍ରମରେ ଗୋଟିଏ ମ୍ୟୁଲ୍ ଆକାଉଣ୍ଟ ଯୋଗେ ୫,୮୪, ୮୪୩ ଟଙ୍କା ଉଠା ଯାଇଥିବା ଏବଂ ଏହି ଆକାଉଣ୍ଟରେ ଗତ ୩/୪ ମାସ ମଧ୍ୟରେ ୧୪,୪୭,୮୦୭ ଟଙ୍କା ସନ୍ଦେହଜନକ କାରବାର ହୋଇଥିବା ଜଣାପଡ଼ିଥିଲା। ଫଳରେ ଥାନା ଅଧିକାରୀ କୌଶିକ ମାଝୀ ଏହି ଆକାଉଣ୍ଟକୁ ଉପଯୋଗ କରୁଥିବା ପପୁକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଗଞ୍ଜେଇ ଜବତ, ଯୁବକ ଗିରଫ

**ବ୍ରହ୍ମପୁର,୧।୩(ସମିସ):** ବେଆଇନ ଗଞ୍ଜେଇ ବିକ୍ରି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ବ୍ରଜନଗରର ଅଜୟ କୁମାର ବେହେରାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୬ କେଜି ଗଞ୍ଜେଇ ଜବତ କରି ଆଜି କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ, ଅଭିଯୁକ୍ତ ହାତୀବନ୍ଧ ସାହି ଅଞ୍ଚଳରୁ କିଛି ଗଞ୍ଜେଇ ନେଇ ମେଡିକାଲ କଲେଜ ଖେଳପଡ଼ିଆ ଠାରେ ବିକ୍ରି କରିବାକୁ ବାହାରିଥିବା ବୈଦ୍ୟନାଥପୁର ଥାନା ପୁଲିସ ଗତ ରାତିରେ ସୂଚନା ପାଇଥିଲା। ଏହା ଆଧାରରେ ତାଙ୍କୁ ପିଛା କରି ଖେଳ ପଡ଼ିଆ ପାଶ୍ୱର୍ରେ ଛକି ବସିଥିଲା। ଅଭିଯୁକ୍ତ ଗଞ୍ଜେଇ ନେଇ ଆସିବା ବେଳେ ତାଙ୍କୁ ମାଡ଼ି ବସିଥିଲା। ଗୋଟିଏ କଲେଜ ବ୍ୟାଗରୁ ତାଙ୍କ ନିକଟରୁ ୫ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

## ତାଲାବନ୍ଦ ଘରୁ ଚୋରି

**ବ୍ରହ୍ମପୁର,୧।୩(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଅଞ୍ଚଳର ବିଭିନ୍ନ ଇଲାକାରେ ତାଲାବନ୍ଦ ଘରକୁ ଚୋରମାନେ ଟାର୍ଗେଟ କରୁଥିବା ବେଳେ ଦୁଇଦିନରେ ୨ଟି ଚୋରି ମାମଲା ଥାନାରେ ଦାୟର କରାଯାଇଛି। ଆମ୍ବପୁଆ ବୀମାନଗର ୩ୟ ଲେନରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ନାରାୟଣ ପାଣିଗ୍ରାହୀ ଗତ ଏକ ସପ୍ତାହ ତଳେ ବିବାହ କାମରେ ଯୋଗଦେବାକୁ ସୋମପେଣ୍ଠା ପରିବାର ସହ ଯାଇଥିବାବେଳେ ଘରେ ତାଲା ପଡ଼ିଥିଲା। ରବିବାର ଅପରାହ୍ନରେ ଘରକୁ ଫେରି ଘରର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ଘର ମଧ୍ୟରେ ପ୍ରବେଶ କରିବା ପରେ ଆଲମିରା ଚାବି ଭାଙ୍ଗି ଚୋରମାନେ ଏକ ତୋଳା ଓଜନର ସୁନା ଅଳଙ୍କାର ସହ ନଗଦ୍ ୩୦ ହଜାର ଟଙ୍କା ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ସନ୍ଧ୍ୟାରେ ଗୋପାଳପୁର ଥାନାରେ ନାରାୟଣ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଦିଗପହଣ୍ଡି,୧।୩(ସମିସ):** ରବିବାର ଅପରାହ୍ନ ପ୍ରାୟ ୪ ଟାରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଘୋଡାହାଡ ଡ୍ୟାମ ରାସ୍ତାର ଚକାତେନ୍ତୁଳି ଗ୍ରାମ ନିକଟରେ ଏକ ବାଇକ୍ (ନଂ.ଓଡି୦୭ ବିଡି ୨୬୫୬) ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ସୁରକ୍ଷା ପାଚେରି (ଗାର୍ଡ ୱାଲ୍)ରେ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ଜଣକ ହେଲେ ଦିଗପହଣ୍ଡି ଖ୍ଲବ୍ ଖମାରିଗାଁ ପଞ୍ଚାୟତ ବାରିତୋଳା ଗ୍ରାମର ଶ୍ରୀଧର ମହାନ୍ତି (୨୬)। ସେ କୌଣସି କାମରେ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଘଟଣା ନେଇ ଦିଗପହଣ୍ଡି ଥାନାକୁ ସୂଚନା ଦିଆଯିବା ପରେ ପୁଲିସ ଟିମ୍ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି। ଦୁର୍ଘଟଣା ସ୍ଥଳରୁ ପଲସର ବାଇକ୍‌କୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

## କୋଦଳାରେ ଦୋଳଯାତ୍ରା; ବିଳମ୍ବିତ ରାତିରେ ହରିହର ଭେଟ

**କୋଦଳା,୧।୩(ସମିସ):** କୋଦଳାରେ ଧୁମ୍ ଧାମରେ ଚାଲିଛି ଐତିହାସିକ ଦୋଳଯାତ୍ରା। ଫେବୃଆରୀ ୨୭ରୁ କୋଦଳା ବିଜେ ଆରାଧ୍ୟ ଦେବତା ବାବା ଦଣ୍ଡିଶ୍ୱର ମହାଦେବ ଏବଂ ଜଗନ୍ନାଥ ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ସୁସଜ୍ଜିତ ଖଟୁଲିରେ ନିଜ ନିଜ ମନ୍ଦିରରୁ ବାହାରି ଗ୍ରାମର ପ୍ରତ୍ୟକ ଦୁଆରୁ ଭୋଗ ଖାଇ ଯାତ୍ରାପଦାରେ ହରିହର ଭେଟ ହୋଇ ସମସ୍ତ ଗ୍ରାମ ପରିକ୍ରମା କରି ନିଜ ମନ୍ଦିରକୁ ଫେରୁଛନ୍ତି। ଆସନ୍ତାକାଲି ଗ୍ରହଣ ଏବଂ ଆଜି ପନ୍ତିଭୋଗ ଲାଗିବା କାର୍ଯ୍ୟକ୍ରମ ଥିବାରୁ ମହାପ୍ରଭୁଙ୍କୁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରିବେ। ଭୋର ସମୟରେ ନିଜ ନିଜ ଜାଗାରେ ରାଜାଅଗ୍ନିରେ ଯୋଗଦେଇ ନିଜ ନିଜ ମନ୍ଦିରକୁ ଫେରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବାଣ ଫୁଟାଇବାରେ ପ୍ରଶାସନର କଟକଣା ଥିବାରୁ ଆତସବାଜି ପ୍ରଦର୍ଶନ ବନ୍ଦ ରହିପାରେ। ତେବେ ବାଣଯାତ୍ରା ବନ୍ଦ ହୋଇଥିଲେ ମଧ୍ୟ ଲାଇଟ ତୋରଣ ଓ ଆଲୋକ ସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ନିଶ୍ଚିତ ମନମୋହିବ ବୋଲି ଉଭୟ ଯାତ୍ରା କମିଟି ପ୍ରକାଶ କରିଛନ୍ତି।



## ସାନନ୍ଦ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ପ୍ରତିଷ୍ଠା

**ସାନଖେମୁଣ୍ଡି,୧।୩(ସମିସ):** ସାନଖେମୁଣ୍ଡି ବ୍ଲକ ସାତପେଣ୍ଠ ଗୋପାଳପୁର ପଞ୍ଚାୟତ ପ୍ରତାପଗିରି ଗ୍ରାମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରାସାଦ ପ୍ରତିଷ୍ଠା ଅନୁଷ୍ଠିତ ହୋଇଛି। ଆଜକୁ ପ୍ରାୟ ୪୦୦ ବର୍ଷ ପୂର୍ବେ ଚତୁର୍ଦ୍ଧାମୂର୍ତ୍ତି ଏକ ଝିକର ଘରେ ପୂଜା ପାଇ ଆସୁଥିଲେ। ୧୮୦୪ ରୁ ୧୮୦୬ ମସିହାରେ ସାନଖେମୁଣ୍ଡି ରାଜା ଚନ୍ଦ୍ରମଣି ଦେବ ଇଂରେଜମାନେ ବାରମ୍ବାର ଆକ୍ରମଣ କରିବାରୁ ରାଜପ୍ରାସାଦ ପୋଡ଼ାମାରିକୁ ସ୍ଥାନାନ୍ତର କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୋଡ଼ାମାରିକୁ ସ୍ଥାନାନ୍ତର ପାଇଁ ଯୋଜନା କରିଥିବା ବେଳେ ତାହା ସମ୍ଭବ ହୋଇନଥିଲା। ୧୯୯୯ ମସିହାରେ ଗ୍ରାମବାସୀ ଜଗନ୍ନାଥଙ୍କ ଏକ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନେଇ କାମ ଆରମ୍ଭ କରିଥିଲେ। କିନ୍ତୁ ବିଭିନ୍ନ କାରଣରୁ ସମ୍ପୂର୍ଣ୍ଣ ହୋଇପାରିନଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମଳରେ '୫-ଟି' ଯୋଜନାରେ ଆର୍ଥିକ ଅନୁଦାନ ମିଳିବା ପରେ ନିର୍ମାଣ କାମ ପୁଣି ଆରମ୍ଭ ହୋଇଥିବାବେଳେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏବେ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଉକ୍ତ ଜଗନ୍ନାଥ ମନ୍ଦିରକୁ ସାନନ୍ଦ ଶିକ୍ଷେତ୍ର ନାମରେ ନାମିତ କରାଯାଇଛି। ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳିଛି। ଏହି ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟେକ ଦିନ ନାମଯଜ୍ଞ ସମେତ ଘୃତ, ଗୋଯଜ୍ଞ, ଜ୍ଞାନ, ଅନ୍ନଯଜ୍ଞ ଆଦି କରାଯାଉଛି। କାର୍ଯ୍ୟକ୍ରମକୁ ଗାଁ ବାସିନ୍ଦା ଓ ମନ୍ଦିର କମିଟି ପକ୍ଷରୁ ପରିଚାଳନା କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟକର୍ତ୍ତା ଭାବେ ସାନଖେମୁଣ୍ଡି ରାଜା ବୀର କିଶୋର ଦେବ ଯୋଗ ଦେଇଛନ୍ତି। ମୁଖ୍ୟ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀ ଓ ଓଡ଼ିଶାର ମାନ୍ୟଗଣ୍ୟ ପଣ୍ଡିତ ବର୍ଗଙ୍କ ପୌରହିତ୍ୟ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉକ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରାସାଦ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉପଲକ୍ଷେ ଆସିଥିବା ମିନା ବଜାର ଓ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।



## ବର୍ଷିୟାନ କମ୍ୟୁନିଷ୍ଟ ନେତାଙ୍କ ପରଲୋକ



**ଛତ୍ରପୁର,୧।୩(ସମିସ):** ଭାରତୀୟକମ୍ୟୁନିଷ୍ଟ ପାର୍ଟି ଚମାଖଣ୍ଡି ଜୋନ୍ ନରସିଂହପୁର ଶଖାର ବର୍ଷିୟାନ କମ୍ୟୁନିଷ୍ଟ ନେତା ଶିବରାମ ନନ୍ଦଙ୍କ ୯୦ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ପାର୍ଟି ସଭ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କୁ ବହୁ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଲାଲ ପତାକା ପକାଇ ସମ୍ମାନ ଦିଆଯାଇଥିଲା। ସିପିଆଇ ଜାତୀୟ ନେତା ଏନ. ନାରାୟଣ ରେଡ୍ଡୀ, ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ପୂର୍ବତନ ସମିତି ସଭ୍ୟ ମଥୁରା ସୁବୁଦ୍ଧି, ମୁନା ପାତ୍ର, ଶାଖା ସମ୍ପାଦକ ଦଣ୍ଡସୀ ପାତ୍ର ଗୌରପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଏକ ମାତ୍ର ପୁତ୍ର ସନ୍ତୋଷ କୁମାର ନନ୍ଦ ଓ ଝିଅମାନେ ଉପସ୍ଥିତ ଥିଲେ।

## ଭାଉଜକୁ ଦୁଷ୍କର୍ମ ଅଭିଯୋଗରେ ଦିଅର ଗିରଫ

**ରଙ୍ଗେଇଲୁଣ୍ଡା,୧।୩(ସମିସ):** ସମ୍ପର୍କୀୟ ଭାଉଜକୁ ଦୁଷ୍କର୍ମ ଅଭିଯୋଗରେ ସୁନାପୁର ମେରାଇନ ଥାନା ପୁଲିସ ରବିବାର ସମ୍ପର୍କୀୟ ଦିଅରକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ହରି ସେଠି(୧୯)। ହରିଙ୍କ ଘରେ ସମ୍ପର୍କିୟ ଭାଉଜ ରହୁଥିଲେ। ଗତ ମାସ ୨ ତାରିଖରେ ଘରେ କେହିନଥିବା ସୁଯୋଗ ନେଇ ହରି ଭାଉଜକୁ ଦୁଷ୍କର୍ମ କରିଥିଲେ। ଘଟଣା କାହାକୁ ନ କହିବାକୁ ଧମକ ଚମକ ଦେଇଥିବାରୁ ଭାଉଜ ମଧ୍ୟ ଭୟରେ କହିନଥିଲେ। ପରେ ହାଇଦ୍ରାବାଦରେ ଥିବା ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ କହିବା ସହ ଗତ ଶନିବାର ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ହରିକୁ ଗିରଫ ସହ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଥିବାବେଳେ ମହିଳାଙ୍କ ବ୍ରହ୍ମପୁର ବଡ଼ମେଡିକାଲରେ ଡାକ୍ତରୀ ମାଇନା ହୋଇଛି। ସୋମବାର ବିଚାରପତିଙ୍କ ସମ୍ମୁଖରେ ବିଏନ୍‌ଏସ୍ ୧୮୩ ଧାରା ଅନୁସାରେ ବୟାନ ରେକର୍ଡ କରାଯିବ ବୋଲି ପୁଲିସ କହିଛି।

## ମୃତ ୧୦ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହାୟତା



**ବାଲିଗୁଡ଼ା,୧।୩(ସମିସ):** ବାଲିଗୁଡ଼ା ସଭାଗୃହରେ ଆଜି ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ମୃତ୍ୟୁ ହୋଇଥିବା ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଭାଇଚାରା ବୃଦ୍ଧି କରିବା ନେଇ କନ୍ଧମାଳ ଜିଲ୍ଲାସ୍ତରୀୟ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଜିଲ୍ଲାର ୧୨ ବ୍ଲକ୍‌ର ଦାୟିତ୍ୱରେ ଥିବା କର୍ମକର୍ତ୍ତା ଉପସ୍ଥିତ ରହି ୧୦ ଜଣ ମୃତ ଡ୍ରାଇଭର ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରି ମୃତକ ପରିବାରଙ୍କୁ ୨ ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବାଲିଗୁଡ଼ା ବ୍ଲକ କର୍ମକର୍ତ୍ତା ବୁଲୁ ମାଝୀ, ଦିବାକର ମହାପାତ୍ର ଓ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ତିନି ଶହରୁ ଅଧିକ ଡ୍ରାଇଭର ଯୋଗ ଦେଇଥିଲେ। ଏହି ସାଧାରଣ ସଭା ଓ ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲା ସହ ସମ୍ପାଦକ ବୁଲୁ ମାଝୀ ସମେତ ଜିଲ୍ଲା ଉପ ସଭାପତି ମାନସ ସାମଲ, କୋଷାଧ୍ୟକ୍ଷ ବଂଶୀଧର ସାହୁ, ଓଡ଼ିଶା ଡ୍ରାଇଭର ମହାସଂଘ ବାଲିଗୁଡ଼ା ବ୍ଲକ୍ ସଭାପତି ଦୁଃଶାସନ ଦିଗାଲ, ବାଲିଗୁଡ଼ା ବ୍ଲକ୍ ସହ ସମ୍ପାଦକ ବିଭୂତି ଭୂଷଣ ମଲିକ, କୋଷାଧ୍ୟକ୍ଷ ଦିବାକର ମହାପାତ୍ର, ଉପଦେଷ୍ଟା ବାମଦେବ ମୁଖି ଓ ୧୨ ବ୍ଲକ୍ ସଭାପତି ମଞ୍ଚାସୀନ ଥିଲେ।

### ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ

# ପାଣିପମ୍ପ ଖରାପ ଯୋଗୁ ଯୋଗାଣ ବନ୍ଦ

**ବେଗୁନିଆପଡା,୧।୩(ସମିସ):** ଗ୍ରୀଷ୍ମ ଆରମ୍ଭରୁ ବିଭିନ୍ନ ସ୍ଥାନରେ ଆରମ୍ଭ ହେଲାଣି ଜଳକଷ୍ଟ। ବେଗୁନିଆପଡା ବ୍ଲକର ବିଭିନ୍ନ ଗ୍ରାମରେ ବର୍ତ୍ତମାନ ଜଳସ୍ତର ଯଥେଷ୍ଟ କମିଯାଇଥିବା ବେଳେ କୂଅ ଓ ପୋଖରୀ ଶୁଖିବାକୁ ବସିଲାଣି। ସେପଟେ ବସୁଧା ଯୋଜନାରେ ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ଚାଲିଥିବା ବେଳେ ବେଗୁନିଆପଡା ବ୍ଲକର ଷଣ୍ମୂଳ ପଞ୍ଚାୟତର କେ.ଶାଳବଣ ଗ୍ରାମରେ ଜଳକଷ୍ଟ ଅସମ୍ଭାଳ ହୋଇଛି। ଦୀର୍ଘବର୍ଷ ଆଗରୁ ଏହି ଗ୍ରାମରେ ପାଣି ଯୋଗାଣ ହେଉନଥିବା ବେଳେ ଏବେ ମଧ୍ୟ ଏହି କଷ୍ଟ ଆରମ୍ଭ ହୋଇଛି। ଏଠାରେ ପାଣି ପାଇଁ ବହୁତ ବୋରିଂ ଖୋଳା ଯାଇଥିଲେ ବି ସୁଫଳ



ମିଳିନଥିଲା। ଯାହାଫଳରେ ଏହି ଗ୍ରାମକୁ ନିକଟସ୍ଥ ଗ୍ରାମରେ ବୋରିଂ ଖୋଳାଯାଇ ଜଳ ଯୋଗାଣ ହେଉଥିବା ବେଳେ କିଛିଦିନ ହେବ ମଟର ଖରାପ ହୋଇଯିବାରୁ ପାଣି ନ ପାଇ ଲୋକେ ଅସନ୍ତୁଷ୍ଟ ହୋଇଛନ୍ତି। ଏହି ଗ୍ରାମରେ ବଡ଼ସାହି, ରାଧାକୃଷ୍ଣ ସାହି, ପଦିଆବର ସାହି, ହରିଜନ ସାହିରେ ୧୨ଶହରୁ ଅଧିକ ଲୋକ ବସବାସ କରୁଥିବା ବେଳେ ବର୍ତ୍ତମାନ ପାଣି ପାଉନାହାନ୍ତି। ସେପଟେ ଶାଳିଆ ଡ୍ୟାମରୁ ଜଳ ଯୋଗାଣ ପ୍ରକଳ୍ପ ପାଇପ ଲାଇନ ଏହି ଗ୍ରାମ ଦେଇ ଯାଇଥିବା ବେଳେ ଏହି ଗ୍ରାମକୁ ପାଇପ ଲାଇନ ପଡ଼ିବାରେ ବିଳମ୍ବ ଯୋଗୁଁ ପାଣି ପାଇବା ନେଇ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ମାୟା ନନ୍ଦ
ଆବିର୍ଭାବ : ୧୩.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସିଦ୍ଧାର୍ଥ ଏବଂ ଅର୍ଚ୍ଚନା, ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ, ବରୁଣ, ଶ୍ରେୟାସ୍, କେତଭ୍, ଶିବାନୀ, ଅନୁଷ୍କା, ଓମ୍ ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

# ଏମ୍‌କେସିଜିରେ ମାଓବାଦୀ ଅନ୍ୱେଷଙ୍କ ଶବ ବ୍ୟବଚ୍ଛେଦ

## ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କଲା ପୁଲିସ

ବ୍ରହ୍ମପୁର,୧ ।୩(ସମିସ): ସାଥୀଙ୍କ ଦ୍ୱାରା ହତ୍ୟାର ଶୀକାର ହୋଇଥିବା ମାଓନେତା ଅନ୍ୱେଷ(୩୧)ଙ୍କ ଏମମେସିଜି ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଯାଇଛି। ପରେ ଦାରିଙ୍ଗିବାଡ଼ି ପୁଲିସ୍ ଅନ୍ୱେଷଙ୍କ ମରଶରୀରକୁ ବାପା ଭୀମା ନୁପୁଙ୍କୁ ହସ୍ତାନ୍ତର କରିଛି। ପୁଲିସ ବାପାଙ୍କର ରକ୍ତ ନମୂନା ସଂଗ୍ରହ କରିଥିବା ବେଳେ ଆଗାମୀ ଦିନରେ ଏହାର ଡିଏନ୍ଏ ମ୍ୟାଚିଂ କରିବା ନେଇ ପୁଲିସ୍ ପକ୍ଷରୁ କୁହାଯାଇଛି। ସେହିପରି ଏମକେସିଜି ମେଡ଼ିକାଲରେ ଭଉଣୀ ରାଜେ ନୁପୁ ଓ ଭଣଜା କବିର ଭାସ୍କର ପହଞ୍ଚି ଅନ୍ୱେଷଙ୍କ ମୃତଦେହ ଚିହ୍ନଟ କରିଥିଲେ। ସୂଚନାଯୋଗ୍ୟ ଯେ, ଦାରିଙ୍ଗିବାଡ଼ି ଥାନା ଅଧିନରେ ପାକାରି ସ୍ଥିତ ସଂରକ୍ଷିତ ଜଙ୍ଗଲର ମୃତ ମାଓବାଦୀ



ଅନ୍ୱେଷଙ୍କ ଶବ ପୋତା ଯାଇଥିବା ପୁଲିସ ଜାଣିବା ପରେ ମାଟି ଖୋଳି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଗତ ୨୫ତାରିଖରେ ଏମ୍‌କେସିଜି ମେଡ଼ିକାଲକୁ ପଠାଯାଇଥିଲା। ଅନ୍ୱେଷ ନିଜର ୧୨ଜଣ ସହଯୋଗୀଙ୍କୁ ନେଇ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାକୁ ବିରୋଧ କରିଥିଲା ସଂଗଠନର ଟପ୍ ମାଓନେତା ଶୁକ୍ରୁ। ଗତ ଜାନୁୟାରୀ ୨୯ରେ ଅନ୍ୱେଷଙ୍କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିବା ପୁଲିସ କହିଛି। କେକେବିଏନ୍ ମାଓ ଡିଭିଜନ୍ ମଧ୍ୟରେ ନେତାଙ୍କ ମନୋମାଳିନ୍ୟ କାରଣରୁ ତାଙ୍କୁ ମାରିଦିଆଯାଇଥିବା ପରିବାରବର୍ଗ କହିଛନ୍ତି।

# ଝାମୀ ଯାତ୍ରାରେ ଭକ୍ତଙ୍କ ସମାଗମ



ବ୍ରହ୍ମପୁର,୧ ।୩(ସମିସ): ନୀଳକଣ୍ଠେଶ୍ୱର ମନ୍ଦିର ନିକଟ ଝାମୀ ମନ୍ଦିର ପ୍ରତିବର୍ଷ ଭଳି ଏଲମା ମା'ଙ୍କ ଝାମୀଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତଙ୍କ ସମାଗମ ଲାଗିଥିବା ଦେଖିବାକୁ ମିଳିଛି। ସେହିପରି ଦୋଳପୂର୍ଣ୍ଣମୀରେ ମା'ଙ୍କ ଦ୍ୱିତୀୟ ଯାତ୍ରା ନୀତି ନିୟମ ଅନୁସାରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଚଳିତବର୍ଷ ପୂର୍ଣ୍ଣମୀରେ ଗ୍ରହଣ ହେତୁ ରବିବାର ଦିନ ଦ୍ୱିତୀୟ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ବିଭିନ୍ନ ସ୍ଥାନରୁ ଆସିଥିବା ମାନସିକଧାରୀମାନେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ନିକଟ ଶ୍ମଶାନରେ ଆମିଷ ରାନ୍ଧି ମା'ଙ୍କୁ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ଅନିଲ କୁମାର ଚୌଧୁରୀ, ସମ୍ପାଦକ ସୁରେଶ କୁମାର ସାହୁ, ସଦସ୍ୟ କାର୍ତ୍ତିକ ବେହେରା, ଚିତ୍ରସେନ ବାରିକ, ବାଲ୍ୟ ସେଠୀ, ଟୁଟୁ ଦାସ, ଅନିଲ ବେହେରା, ଟୁନା ପାତ୍ର, ରବି ପାତ୍ର, ଆକାଶ ଗୌଡ଼, ଭିକାରୀ ବେହେରା ଓ ରାମଜୀ ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନବନିଯୁକ୍ତ ନନ୍‌କ୍ୟାଡର ସରକାରୀ ଓକିଲଙ୍କ ୨ଦିନିଆ କର୍ମଶାଳା ଉଦ୍‌ଯାପିତ

# କର୍ମଶାଳା ପ୍ରତି ଉତ୍ସାହ ନାହିଁ; ଉପସ୍ଥାନ ନୈରାଶ୍ୟଜନକ

ବ୍ରହ୍ମପୁର,୧ ।୩(ସମିସ)






ନବନିଯୁକ୍ତ ନନ୍‌କ୍ୟାଡର ସରକାରୀ ଓକିଲଙ୍କୁ ସରକାରୀ ସ୍ତରରେ କର୍ମଶାଳାର ଆୟୋଜନ କରି ସଚେତନତା କରାଯାଇଥାଏ। ପୂର୍ବରୁ ରାଜ୍ୟସ୍ତରରେ ଏଭଳି କର୍ମଶାଳାର ଆୟୋଜନ କରାଯାଉଥିବା ବେଳେ ଚଳିତଥର ପ୍ରଥମ କରି କର୍ମଶାଳାକୁ ଜିଲ୍ଲାସ୍ତରୀୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ସମେତ ୭ଟି ଜିଲ୍ଲାରେ ଏକକାଳୀନ ଫେବୃଆରୀ ୨୮ ଓ ମାର୍ଚ୍ଚ ପହିଲା ଦୁଇଦିନ ଧରି ଆୟୋଜିତ ହୋଇଥିଲା। ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବା ଆଇଟିଆଇର

- ଇସ୍ତଫା ଦେଇଥିବା ଓ କାର୍ଯ୍ୟରେ ଯୋଗ ଦେଇନଥିବା ସରକାରୀ ଓକିଲଙ୍କୁ ହୋଇଛି ନିମନ୍ତ୍ରଣ
- ପ୍ରସିକ୍ୟୁସନ ସମ୍ପର୍କିତ ଅନଭିଜ୍ଞ ଓକିଲଙ୍କୁ ନେଇ କି ସଫଳତା ମିଳିବ ପ୍ରଶ୍ନବାଚୀ?

ପ୍ରେକ୍ଷାଳୟରେ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲାରେ ନିଯୁକ୍ତ ମୋଟ ପ୍ରାୟ ୧୭୫ଜଣ ନନକ୍ୟାଡର ସରକାରୀ ଓକିଲଙ୍କ ମଧ୍ୟରୁ ୧୭ଜଣ ସ୍ୱତନ୍ତ୍ର ପିପି ଓ ୧୧୩ଜଣ ସହକାରୀ ପିପି ଓ ଜଣେ ଆସୋସିଏଟ ଆଇନ ଅଧିକାରୀଙ୍କୁ କର୍ମଶାଳାରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। ଦେଶର ଆଇନରେ ହୋଇଥିବା ସଂଶୋଧନ ଓ ପରିବର୍ତ୍ତନ ସମ୍ପର୍କରେ ଅବଗତ ହୋଇ କିଭଳି ମୋକଦ୍ଦମା ଗୁଡ଼ିକର ସୁପରିଚାଳନା କରି ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ତାହା ହେଉଛି ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଗଞ୍ଜାମ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳଙ୍କ ଦ୍ୱାରା ଆୟୋଜିତ ଦୁଇଦିନିଆ କର୍ମଶାଳାରେ ଆଇନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ (ପ୍ରସିକ୍ୟୁସନ) ଅଜିତ କୁମାର ପଟ୍ଟନାୟକଙ୍କ ସମେତ ଆରଏଫଏସଏଲ ଓ ଏଫଏମଟି ବିଭାଗ ବିଶେଷଜ୍ଞଙ୍କ ସମେତ ଅବସରପ୍ରାପ୍ତ କ୍ୟାଡର ପିପି, ଆଇନ ମହାବିଦ୍ୟାଳୟର ଅଧ୍ୟାପକଙ୍କ ସମେତ ପୁଲିସ ଅଧିକାରୀଙ୍କ ଜରିଆରେ ଆଇନଗତ ସଚେତନତା ଓ ପେଶାଗତ ଦକ୍ଷତା ବୃଦ୍ଧି ନେଇ ପ୍ରୟାସ କରାଯାଉଛି। ତେବେ ଉପାଦେୟ ତଥା ସରକାରୀ କର୍ମଶାଳାରେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳିଛି। କର୍ମଶାଳାର ପ୍ରଥମ ବା ଉଦ୍‌ଘାଟନି ଦିବସରେ ଯଦିଓ ନବନିଯୁକ୍ତ ସରକାରୀ ଓକିଲଙ୍କ ମଧ୍ୟରେ କିଛିଟା ଉତ୍ସାହ ପରିଲକ୍ଷିତ ହୋଇଥିଲା ତେବେ ପରବର୍ତ୍ତି ସମୟରେ ଅନେକେ କର୍ମଶାଳା ଅଧାରୁ ଚାଲିଯାଇଥିବା ଜଣାପଡ଼ିଛି। ସେହିଭଳି ଦ୍ୱିତୀୟ ବା ଉଦ୍‌ଯାପନୀ ଦିବସରେ ମଧ୍ୟ ଉପସ୍ଥାନ ନିରାଶଜନକ ଥିଲା। ନୋଟିସ ପାଇଥିବା ତଥା ନବନିଯୁକ୍ତ ସରକାରୀ ଓକିଲଙ୍କ ମଧ୍ୟରେ ପୂର୍ବରୁ ଇସ୍ତଫା ଦେଇଥିବା ଓ ଅନିଚ୍ଛା ପ୍ରକାଶ କରି କାର୍ଯ୍ୟରେ ଯୋଗ ଦେଇନଥିବା ସରକାରୀ ଓକିଲଙ୍କୁ ମଧ୍ୟ କର୍ମଶାଳାରେ ଯୋଗ ଦେବାକୁ କୁହାଯାଇଥିବା ଜଣାପଡିଛି।

ସେହିଭଳି ପ୍ରଥମ ଦିନରେ ଉଭୟ ଦିନ ପାଇଁ ଉପସ୍ଥାନ ନିଆଯିବାର ସୁଯୋଗ ନେଇ ଦ୍ୱିତୀୟ ଦିନରେ ଶତକଡା ୫୦ଭାଗରୁ ମଧ୍ୟ କମ୍ ସରକାରୀ ଓକିଲ କର୍ମଶାଳାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସେପଟେ କର୍ମଶାଳାର ଉଦ୍‌ଘାଟନ ଓ ଉଦ୍‌ଯାପନୀ ଦିବସରେ ପୃଥକ ପୃଥକ ଭାବେ ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ଏସ୍‌ପିଙ୍କୁ ବକ୍ତା ବା ପ୍ରଶିକ୍ଷକ ଭାବେ ନିମନ୍ତ୍ରଣ କରାଯାଇଥିଲେ ହେଁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତତା ଯୋଗୁଁ ସେମାନେ ଅନୁପସ୍ଥିତ ଥିବା ପିପି ବିଶ୍ୱଜିତ ବରାଳ କହିଛନ୍ତି। ଏଭଳି ପରିସ୍ଥିତିରେ ସମ୍ପ୍ରତି ଗଞ୍ଜାମ ଜିଲ୍ଲାରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ସଂଖ୍ୟା ପୂର୍ବାପେକ୍ଷା ପ୍ରାୟ ଦୁଇ ଗୁଣା ହୋଇଥିବା ବେଳେ କେତେକଙ୍କ ପାଇଁ କୋର୍ଟ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଅର୍ଥାତ୍ ବିନା କୋର୍ଟରେ ମଧ୍ୟ କେତେକ ସରକାରୀ ଓକିଲଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଶୁଣିବାକୁ ମିଳିଛି। ଏଭଳି ପରିସ୍ଥିତିରେ ପ୍ରସିକ୍ୟୁସନ କ୍ଷେତ୍ରରେ ଅନଭିଜ୍ଞ ତଥା ନୂତନ ସରକାରୀ ଓକିଲଙ୍କୁ ନେଇ ପ୍ରତ୍ୟହ ବିଭିନ୍ନ କୋର୍ଟରେ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ତେବେ ଏସବୁକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରରେ କର୍ମଶାଳାର ଆୟୋଜନ ହେଉଥିଲେ ହେଁ ଏଥିପ୍ରତି ଅନେକଙ୍କର ଉତ୍ସାହ ନଥିବା ଜଣାପଡିବା ପରେ ଆଗକୁ ସରକାରୀ ସ୍ତରରେ ମୋକଦ୍ଦମା କିଭଳି ପରିଚାଳନା ହେବ ଓ ସରକାରଙ୍କୁ ମାମଲା ପରିଚାଳନାରେ କି ସଫଳତା ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଗଞ୍ଜାମ ପିପି ବିଶ୍ୱଜିତ ବରାଳଙ୍କୁ ପଚାରିବାରେ ସେ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ପ୍ରଥମ ଦିନରେ ଉପସ୍ଥାନ ଯଦିଓ ଥିଲା ଦ୍ୱିତୀୟ ଦିନରେ ନିରାଶଜନକ ଥିବା ସେ ସ୍ୱୀକାର କରିଛନ୍ତି। କମ୍ ଉପସ୍ଥାନକୁ ନେଇ ଖୋଦ୍ ଯୁଗ୍ମ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ବିରକ୍ତିଭାବ ପ୍ରକାଶ କରି ଏନେଇ ରିପୋର୍ଟ ପ୍ରଦାନ କରିବାକୁ କହିଥିବା ଶ୍ରୀ ବରାଳ କହିଛନ୍ତି।

# ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାରୋହ



ବ୍ରହ୍ମପୁର,୧ ।୩(ସମିସ): ଉତ୍କଳ ଆଶ୍ରମର ପାଠାଗାରରେ ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଡ. ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚ ସଞ୍ଚାଳନ କରିଥିଲେ। ଚଳିତବର୍ଷ କିମ୍ବଦନ୍ତୀ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଅନାଲୋଚିତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଏଠାରେ କୁହାଯାଇଛି। ସମାରୋହରେ ଆଲୋଚକ ଗାଳ୍ପିକ ଡ. ଚିତ୍ତରଞ୍ଜନ ପଟ୍ଟନାୟକ, ବୁଗୁଡ଼ା ଅଞ୍ଚଳର କିମ୍ବଦନ୍ତୀ ସମ୍ପର୍କିତ ବୁଗୁଡ଼ାର ନାମକରଣ, ବୁଦ୍ଧଖୋଲର, ବିଭିନ୍ନ ଖୋଲ, ଗୁମ୍ଫା, ସିଦ୍ଧଗୁମ୍ଫା, ବଳଦେବଜୀଉ ମନ୍ଦିର ସର୍ପଦଂଶନ ବିରଞ୍ଚିନାରାୟଣ ମନ୍ଦିରର ନିର୍ମାଣ କୌଶଳ ବିଞ୍ଝିଘା, ଗୋଲିଆ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ବା କୁର୍ମ ପୋଖରୀ ଓ ହାତୀ ରାମ ଦୋରା ଭଳି ବିଭିନ୍ନ କିମ୍ବଦନ୍ତୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂସଦର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ। ବିଜୟ ଚନ୍ଦ୍ର ମିଶ୍ର, ଗାୟତ୍ରୀ ରଥ ଷଡ଼ଙ୍ଗୀ, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗାୟତ୍ରୀ ପାଣିଗ୍ରାହୀ, ମନୋଜ କୁମାର ପାଣିଗ୍ରାହୀ, ବଂଶୀଧର ସେଠୀ, ତ୍ରିଲୋଚନ ଦାଶ, ସୁବ୍ରତ କୁମାର ରଥ ଓ ଟି. କାଳୀପ୍ରସାଦ ରାଓ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ତ୍ରିଲୋଚନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଙ୍କଟ ବିହାରୀ ପ୍ରହରାଜ, ଡ. ଅଶୋକ କୁମାର ପଣ୍ଡା, ଓ ଡ. ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ବିଜେପି ମିଶ୍ରଣ ପର୍ବରେ ତୁମୂଳକାଣ୍ଡ

# ଦୁଇ ବିଜେପି ନେତାଙ୍କ ମଧ୍ୟରେ ଗଣ୍ଡଗୋଳ; ଭିଡିଓ ଭାଇରାଲ୍

ବ୍ରହ୍ମପୁର,୧ ।୩(ସମିସ): ମହାନଗର ନିଗମ ଅଧିନ ୨ନଂ. ୱାର୍ଡରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଅନ୍ୟଦଳର କିଛିକର୍ମୀଙ୍କୁ ଦଳୀୟ ଉପଢୌକନ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଗୋପଳକୃଷ୍ଣ ରଥଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ

### ପୋଷ୍ଟର ଚିରାକୁ କେନ୍ଦ୍ର କରି ଦୁଇନେତା ମୁହାଁମୁହିଁ

ହୋଇଥିବା ଜଣାପଡିଛି। ତେବେ ମିଶ୍ରଣ ପର୍ବ ସମୟରେ ଗୋଷ୍ଠୀକନ୍ଦଳକୁ ନେଇ ତୁମୂଳକାଣ୍ଡ ଦେଖିବାକୁ ମିଳିଥିଲା।

ଗୋପାଳକୃଷ୍ଣ ରଥ ଏହି ମିଶ୍ରଣ ପର୍ବ ପାଇଁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ଫଟୋ ଥିବା ପୋଷ୍ଟରକୁ ସମ୍ପୃକ୍ତ ଅଞ୍ଚଳରେ ଲଗାଇବାକୁ ନେଇ ଜନୈକ ବିଜେପି ନେତା ଓ ବିଜେପି କର୍ପୋରେଟର ପ୍ରାର୍ଥୀ ମଧ୍ୟ ବ୍ରହ୍ମପୁର ବିଧାୟକଙ୍କ ସମେତ ଅନ୍ୟ ନେତାଙ୍କ ଫଟୋ ସହିତ ପୋଷ୍ଟର ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଲଗାଇଥିଲେ। ତେବେ ମିଶ୍ରଣ ପର୍ବ ଗୋପାଳକୃଷ୍ଣଙ୍କ ନେତୃତ୍ୱରେ ଆୟୋଜିତ ହେଉଥିବା ବେଳେ ଅନ୍ୟଗୋଷ୍ଠୀ ଦ୍ୱାରା ଲଗାଯାଇଥିବା ପୋଷ୍ଟରକୁ ନେଇ ପ୍ରଶ୍ନ ଉଠାଇ ଗୋପାଳକୃଷ୍ଣ ରଥ ନିଜେ ସ୍ଥାନୀୟ ହରିଡ଼ାଖଣ୍ଡି ଶନି ମନ୍ଦିର ଛକରେ ଲାଗିଥିବା ପ୍ରତିପକ୍ଷଙ୍କ ପୋଷ୍ଟରକୁ ଚିରି ଦେଇଥିଲେ। ଯାହାକୁ ନେଇ ଗୋପାଳକୃଷ୍ଣ ରଥ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ଦଳୀୟ ସ୍ୱଚ୍ଛତା, ନେତୃତ୍ୱ ଓ ସାଙ୍ଗଠନିକ ସ୍ଥିତିକୁ ଦୃଷ୍ଟିରେ ରଖି ଲୋକେ ବିଜେପିରେ ସାମିଲ ହେଉଥିବା କୁହାଯାଉଥିବା ବେଳେ ଆଜିର ମିଶ୍ରଣ ପର୍ବରେ ଦଳୀୟ ଗୋଷ୍ଠୀକନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି। ଦୁଇ ଗୋଷ୍ଠୀର ନେତାଙ୍କ ମଧ୍ୟରେ କଥା କଟାକଟି ଓ ଗଣ୍ଡୋଗୋଳ ପରିସ୍ଥିତିର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ୍ ହେବା ସହ ସମଗ୍ର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଗକୁ କର୍ପୋରେଟର ନିର୍ବାଚନ ଥିବା କାରଣରୁ ବହୁ ଆଶାୟୀ ବରିଷ୍ଠ ଓ ଯୁବନେତା ନିଜ ନିଜ ଅଞ୍ଚଳରେ ଉପସ୍ଥିତି ଜାହିର କରିବାକୁ ଯାଇ ପ୍ରସ୍ତୁତି ଚଳାଇଛନ୍ତି।

# ଆମ୍ ଆଦ୍‌ମୀ ପାର୍ଟିର ସାଂଗଠନିକ ବୈଠକ



ବ୍ରହ୍ମପୁର,୧ ।୩(ସମିସ): ସ୍ଥାନୀୟଷ୍ଟେସନ୍ ରୋଡ୍ ସର୍କିଟ ହାଉସରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଗଞ୍ଜାମ ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ସୁବାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଦେଶ ତଥା ଓଡ଼ିଶାର ରାଜନୈତିକ ପରିସ୍ଥିତି, ଆଗାମୀ ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନରେ ପାର୍ଟିର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆପ୍ ଓଡ଼ିଶା ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାର କର୍ପୋରେଟ ସପକ୍ଷବାଦୀ ନୀତି ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିଥିଲେ। କିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ, ଉପ ମୁଖ୍ୟମନ୍ତ୍ରୀ ମନୀଷ ଶିଷୋଦିଆ ଏବଂ ଅନ୍ୟାନ କାର୍ଯ୍ୟକର୍ତ୍ତାଙ୍କୁ ମିଥ୍ୟା ମଦ ଦୁର୍ନୀତିରେ ଗିରଫ କରି ଜେଲରେ ରଖି ନିର୍ବାଚନରେ ଭୋଟ ଜାଲିଆତି କରି ସରକାରକୁ ଆସିଥିବା ଅଭିଯୋଗ କରାଯାଇଛି। ସିବିଆଇର ମିଛ ମାମଲାକୁ କୋର୍ଟ ଭର୍ତ୍ସନା କରି କେଜ୍ରିୱାଲ ସମେତ ସମସ୍ତ ୨୩ ଜଣଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଛନ୍ତି। ଏହା ପାର୍ଟିର କର୍ମୀ ଏବଂ ସାଧାରଣ ଜନତାଙ୍କ ମନରେ ଆଶାର କିରଣ ଭରି ଦେଇଥିବା ଶ୍ରୀ ମହାପାତ୍ର କହିଥିଲେ। ଓଡ଼ିଶାରେ ସରକାର କିପରି ଦୁର୍ନୀତିରେ ବୁଡ଼ି ରହିଛି ଏବଂ ଲୋକଙ୍କୁ ପ୍ରତାରଣା କରି ଲୁଟ୍ କରୁଛି। ତାର ଜବାବ ଆଗାମୀ ନିର୍ବାଚନରେ ଓଡ଼ିଶାବାସୀ ଦେବେ ବୋଲି ମତ ରଖିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଆଦିତ୍ୟ ନାରାୟଣ ରଥ ଚାଷୀଙ୍କ ସମସ୍ୟା ସହ ବିଜେପି ସରକାର ବିକାଶ ନାମରେ କିପରି ପରିବେଶକୁ ଧ୍ୱଂସ କରୁଛି। ଦକ୍ଷିଣ ଓଡ଼ିଶା ଏବଂ ବୃହତ ଗଞ୍ଜାମ ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛି। ତା ବିରୁଦ୍ଧରେ ଆମକୁ ଲଢ଼େଇ ଜାରି ରଖିବାକୁ ପଡ଼ିବ ବୋଲି କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ। ବୈଠକରେ ଜିଲ୍ଲା ଯୁବ ସଭାପତି ପି. ନୀଳକଣ୍ଠ ରେଡ୍ଡୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ରେଡ୍ଡୀ, ଲିଗାଲସେଲ ସଭାପତି କୈଳାଶ ସେଠୀ, ଅଜାମ୍ବିଳ ବିଶ୍ୱାଳ, ଧୀରେନ୍ଦ୍ର ସାବତ, ପି. ମନୋଜ କୁମାର, ଯୁବରାଜ ବେହେରା, ରମେଶ ବେହେରା, ମହିଳା ନେତ୍ରୀ ନିଭାସ୍ମିତା ପ୍ରଧାନ, ଆସ୍କା ଲୋକସଭା ଆବାହକ ମିଟୁ ସାବତ, ରଞ୍ଜିତ ତ୍ରିପାଠୀ, ଦିନେଶ ରାଜ, ଅଭିମନ୍ୟୁ ଦଳାଇ, ସତ୍ୟପ୍ରକାଶ ସେଠୀ ଓ ସୁଦର୍ଶନ ମଲ୍ଲିକ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ସଚେତନତା ଅଭାବ; ବଢୁଛି ଦୁଷ୍କର୍ମ ମାମଲା

ବ୍ରହ୍ମପୁର,୧ ।୩(ସମିସ)



ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ସଚେତନତା ଅଭାବରୁ ଦିନକୁଦିନ ଦୁଷ୍କର୍ମ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଥାନାରେ ନାବାଳିକା ନିଖୋଜ କିମ୍ବା ଅପହରଣ ନେଇ ହେଉଥିବା ପ୍ରାଥମିକ ଅଭିଯୋଗ ପରେ ଦୁଷ୍କର୍ମ ମାମଲାରେ ପରିଣତ ହେଉଛି। ଅଭିଯୋଗ ଆଧାରରେ ପୁଲିସ ଅପହୃତାଙ୍କୁ

- ବିବାହ ପାଇଁ ରାଜି ନ ହେଲେ ଦୁଷ୍କର୍ମ ଅଭିଯୋଗ
- ଦୁଷ୍କର୍ମ ମାମଲାରେ ବଦଳୁଛି ବହୁ ନିଖୋଜ ଓ ଅପହରଣ ଘଟଣା

ଉଦ୍ଧାର କରି ବୟାନ ରେକର୍ଡ କରି ପ୍ରୋଟେକ୍ସନ ଅଫ ଚିଲଡ୍ରେନ୍ ଫ୍ରମ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ଆକ୍ଟ ସମେତ ଦୁଷ୍କର୍ମ ମାମଲା ରୁଜୁ କରୁଛି। ଏବଂ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ ବି କରୁଛି। ତଥାପି ଦୁଷ୍କର୍ମ ଭଳି ମାମଲା ସଂଖ୍ୟାରେ ରୋକ ଲାଗିପାରୁନି। ନିକଟରେ ଏକାଧିକ ଦୁଷ୍କର୍ମ ମାମଲାରେ ୬ରୁ ଅଧିକ ଅଭିଯୁକ୍ତ ଗିରଫ ହୋଇଥିଲେ।

୨୦୨୬ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୫୦ରୁ ଅଧିକ ଦୁଷ୍କର୍ମ ଓ ଅସଦାଚରଣ ମାମଲା ରୁଜୁ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିଥିବା ଜଣାପଡ଼ିଛି। ବିଶେଷକରି ଯୁକ୍ତ୨ ପଢୁଆ ଝିଅ ଏବଂ ୧୪ରୁ ୧୫ବର୍ଷର ନାବାଳିକାମାନେ ଦୁଷ୍କର୍ମର ଶିକାର ହେଉଥିବା ନଜରକୁ ଆସୁଛି। ବିଭିନ୍ନ ଥାନାରେ ଅନେକ ସମୟରେ ନାବାଳିକା ଅପହରଣ ମାମଲା ରୁଜୁ ହେଉଛି। ପରବର୍ତ୍ତୀ ସମୟରେ ଅପହରଣ ସହ ଦୁଷ୍କର୍ମ ମାମଲା ମଧ୍ୟ ରୁଜୁ ହେଉଛି। କଲେଜ ପଢୁଆ ଝିଅମାନେ ନିଜ ପୁରୁଷ ବନ୍ଧୁଙ୍କ ସହ ଘରୁ ଫେରାର ହେଇଯାଉଥିବା ବେଳେ ପରେ ଥାନାରେ ଅଭିଯୋଗ ପରେ ପୁଲିସ ଦ୍ୱାରା ଉଦ୍ଧାର ହେଉଛନ୍ତି। ପରେ ଉଦ୍ଧାର ନାବାଳିକା ଅଥବା ପରିବାର ବର୍ଗଙ୍କ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣୁଛନ୍ତି। ଅଧିକାଂଶ କ୍ଷେତ୍ରରେ ପୁଲିସ ଜିଲ୍ଲା ତଥା ରାଜ୍ୟ ବାହାରକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରୁଥିବା ଦେଖିବାକୁ ମିଳୁଛି। କେତେକ କ୍ଷେତ୍ରରେ ଜଣେ ପୁରୁଷ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖୁଥିବା ବେଳେ ପରବର୍ତ୍ତି ସମୟରେ ପ୍ରତାରଣା କରୁଛନ୍ତି। ଏପରିକି ଯୁବତୀଙ୍କ ସାମାଜିକ ସମ୍ମାନ ଓ ସରଳତାର ସୁଯୋଗ ନେଇ ବ୍ଲାକମେଲ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଭୟଭୀତ ହୋଇ କିଛି ଘଟଣା ଚାପି ହୋଇଯାଉଛି ତ ଆଉ କିଛି ଘଟଣା ଲୋକଲୋଚନକୁ ଆସୁଛି। ନାବାଳିକା ଦୁଷ୍କର୍ମ ରୋକିବାକୁ ଦେଶରେ କଠୋର ଆଇନ ପ୍ରଣୟନ ହୋଇଛି। ପୋକସୋ ଆଇନର ବିଭିନ୍ନ ଧାରାରେ ମାମଲାର ତ୍ୱରିତ ଶୁଣାଣି କରାଯିବା ସହ ଅଭିଯୁକ୍ତଙ୍କୁ ଶକ୍ତ ଦଣ୍ଡ ବିଧାନ ମଧ୍ୟ କରାଯାଉଛି। ତେବେ ଏଭଳି ସ୍ଥିତିରେ ନାବାଳିକାଙ୍କୁ ଶିକ୍ଷିତ ଓ ସଚେତନ କରାଇବାରେ ପରିବାର ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୩ଟି ଗଣଦୁଷ୍କର୍ମ ମାମଲା ଦେଖିବାକୁ ମିଳିଥିଲା। ପ୍ରତି ଥାନାରେ ଦୁଷ୍କର୍ମ ମାମଲା ବୃଦ୍ଧି ପାଉଛି। ପୁଲିସ ଅଭିଯୋଗକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କୁ ଗିରଫ କରୁଛି କିନ୍ତୁ ଦୁଷ୍କର୍ମ ମାମଲାରେ ରୋକ ଲାଗିପାରୁନି। ପରିବାର ଲୋକେ ସଚେତନ ହେଲେ ଏଭଳି ମାମଲା ସଂଖ୍ୟା ହ୍ରାସ ପାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ୨ଟି ଦୁଷ୍କର୍ମ ମାମଲାରେ ଦୁଇ ଜଣଙ୍କୁ ବାନ୍ଧିଲା ପୁଲିସ

ବ୍ରହ୍ମପୁର,୧ ।୩(ସମିସ): ୨ଟି ଦୁଷ୍କର୍ମ ମାମଲାରେ ଦୁଇଜଣଙ୍କୁ କାବୁ କରିଛି ପୁଲିସ। ବ୍ରହ୍ମପୁର ପୁଲିସ ଜିଲ୍ଲାର ମେରାଇନ ଓ ଟାଉନ ଥାନା ପୁଲିସ ୨ଟି ଦୁଷ୍କର୍ମ ମାମଲାରେ ୨ଜଣଙ୍କୁ କାବୁ କରିଛି। ଦୁଇଜଣଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ବେଳେ ଅନ୍ୟ ଅଭିଯୁକ୍ତ ଜଣକ ମେରାଇନ ଥାନା ଅନ୍ତର୍ଗତ ସନାପୁର ଗ୍ରାମର ହରି ସେଠୀ(୧୯) ବୋଲି ପୁଲିସ କହିଛି। ପୁଲିସ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରି ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ହରି ସେଠୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ସମ୍ପୃକ୍ତ ନାବାଳକକୁ ବାଳ ସୁଧାର ଗୃହରେ ହାଜର କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ମେରାଇନ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ହରି ଅପହରଣ କରିଥିବା ନେଇ ମେରାଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଅପହୃତାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ହରି ସେଠୀକୁ ଗିରଫ କରିଥିଲା। ଯୁବତୀ ଉଦ୍ଧାର ହେବା ପରେ ପୁଲିସ ଯୁବତୀଙ୍କ ବୟାନ ରେକର୍ଡ କରିଥିଲା। ବୟାନ ରେକର୍ଡ ବେଳେ ଯୁବତୀ ଜଣକଙ୍କୁ ଅଭିଯୁକ୍ତ ଅପହରଣ କରି ନେଇ ଏକାଧିକ ଥର ଦୁଷ୍କର୍ମ କରିଥିବା କହିଥିଲା। ପୀଡ଼ିତାଙ୍କ ବୟାନକୁ ଆଧାର କରି ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେହିପରି ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ଥିବା ନେଇ ଗତ ୨୬ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣେ ୧୬ବର୍ଷୀୟ ନାବାଳକ ସମ୍ପୃକ୍ତ ନାବାଳିକାକୁ ଅପହରଣ କରି ନେଇଥିବା ଜଣାପଡିଥିଲା। ସେହିକ୍ରମେରେ ପୁଲିସ ତଦନ୍ତ କରି ଅପହୃତାକୁ ଉଦ୍ଧାର କରିଥିଲା। ଉଦ୍ଧାର ବେଳେ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ପୀଡ଼ିତାଙ୍କ ବୟାନ କ୍ରମେ ପୁଲିସ ନାବାଳକକୁ କାବୁ କରିଥିଲା। ଆଜି ନାବାଳକକୁ ପୁଲିସ ବାଳ ସୁଧାର ଗୃହରେ ହାଜର କରିଛି।

### ରାସ୍ତା କାମ ପାଇଁ ୮ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଦେଲେ

# ଛଅ ମାସ ହେଲା ଅନ୍ଧାରରେ କୁଣ୍ଡେଇସିଂ ଗ୍ରାମବାସୀ

ଗୁମ୍ମା,୧।୩(ସମିସ)

ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତର କୁଣ୍ଡେଇ ସିଂ ଗ୍ରାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପାହାଡ଼ରୁ ମାଟି ଖୋଳି ରାସ୍ତା ତିଆରି କରୁଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ରାସ୍ତା କଡ଼ ଦେଇ ଯାଇଥିବା ୮ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି

## ମନ୍ତ୍ରୀଙ୍କୁ ଜଣାଇବା ପରେ ବି କାମ ହେଉନି





ଯାଇଛି। ଜେସିବି ସାହାଯ୍ୟରେ ମାଟି ଖୋଳିବା ବେଳେ ଅସାବଧାନତା ଯୋଗୁ ଏଭଳି ସମସ୍ୟା ଗତ ସେପ୍ଟେମ୍ବର ମାସରୁ ହୋଇଥିବା ବେଳେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଘଟଣାକୁ ୬ମାସ ବିତି ଯାଇଥିଲେ ମଧ୍ୟ ଗଭୀର ନିଦ୍ରାରେ ଶୋଇଛି ବିଦ୍ୟୁତ୍ ବିଭାଗ ଏବଂ କାର୍ଯ୍ୟରତ ଠିକା ସଂସ୍ଥା। ଏଥିଯୋଗୁ ଅନ୍ଧାରରେ ଦିନ କାଟୁଛନ୍ତି ୩୫୦ରୁ ଉର୍ଦ୍ଧ୍ୱ ପରିବାର। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଦ୍ୟୁତ ବିଭାଗ କିମ୍ବା ଠିକା ସଂସ୍ଥା କେହି କର୍ଣ୍ଣପାତ କରୁନାହାନ୍ତି। ବାଧ ହୋଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଏପରିକି ଲିଖିତ ଭାବେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଅବଗତ କରାଇବା ସହ ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରିଥିଲେ। ମନ୍ତ୍ରୀ ହସ୍ତକ୍ଷେପ କରି ଯଥାଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଥାପି ବିଦ୍ୟୁତ ସଂଯୋଗ ନିମନ୍ତେ ପଦକ୍ଷେପ ନିଆ ଯାଉନଥିବା ରାଜେଶ ରଇତ, ଅନିଲ ରଇତ, ଲାବଣ୍ୟ ଶବର, ସତ୍ୟ ରଇତ ଓ କୃଷ୍ଣ ଶବର ଅଭିଯୋଗ କରିଥିବା ବେଳେ ଆଉ କାହାକୁ ଗୁହାରି କରିବୁ ବୋଲି କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଦେଇଛୁ। ଅନୁଦାନ ଆସିଲେ କାମ ଆରମ୍ଭ ହେବ ବୋଲି ଟାଟା ପାୱାର ନିର୍ବାହୀଯନ୍ତ୍ରୀ ବିଜୟ ସାହୁ କହିଛନ୍ତି।

## ଭାଗିରଥୀ ଅର୍ଗାନାଇଜେସନ ପକ୍ଷରୁ ରକ୍ତଦାନ ଶିବିର

ଛତ୍ରପୁର,୧।୩(ସମିସ): ଛତ୍ରପୁରର ଭାଗିରଥି ସୋସିଆଲ୍ ସେବା ଅର୍ଗାନାଇଜେସନ୍ ପକ୍ଷରୁ ସମାଜସେବୀ ଭାଗିରଥି ବେହେରାଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ଆୟୋଜିତ ରକ୍ତଦାନ ଶିବିରରୁ ମୋଟ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସମାଜସେବୀ ନରହରୀ ସ୍ୱାଇଁ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ରାଧେଶ୍ୟାମ ଫାଉଣ୍ଡେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା କାଉନସଲିର ଦେବାଶିଷ ମିଶ୍ର, ଓଡ଼ିଆ ସାମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ଛତ୍ରପୁର ପ୍ରେସ୍ କ୍ଲବର ସଭାପତି ସରୋଜ କୁମାର ସାମଲ, କାଳିଆ ରାଉଳ, ଗଣପତି ବାରିକ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ପୂର୍ବତନ ସରପଞ୍ଚ ଡି.ରାମସ୍ୱାମୀ ରେଡ୍ଡୀ ଓ ଟି.କ୍ରିଷ୍ଣା ରେଡ୍ଡୀ, କାଳୁଚରଣ ତ୍ରିପାଠୀ, କୁନି ନାୟକ, ଆଇନଜୀବୀ ଡ. ପ୍ରଶାନ୍ତ କୁମାର ଶତପଥୀ, ଡ.ରାଜେନ୍ଦ୍ର କୁମାର ଦାଶ ଓ ଡମିନାଥ ସାହୁ, ଛାତ୍ରନେତା ମହେଶ କୁମାର ଗୌଡ଼, ପୂର୍ବତନ କାଉନସିଲର ଟି.ଚନ୍ଦ୍ରେଶଖର ରାଓ ଓ ବାଦଲ ପାଣ୍ଡି, ଡମ୍ବୁରୁଧର ସାହୁ, ବରିଷ୍ଠ ନେତା ସୁଦାମ ପୁରୋହିତ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ଡିଆଇଇଟି ପକ୍ଷରୁ ବିଜ୍ଞାନ ଦିବସ

ରମ୍ଭା,୧।୩(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ପରିଡ଼ା ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜୀବ ବିଜ୍ଞାନୀ, ବୈଜ୍ଞାନିକ ଡ. ଦେବୀ ଶଙ୍କର ସୁମନ ଯୋଗଦେଇ ବିଜ୍ଞାନର ଅବଦାନ ଆମ ବିଶ୍ୱ ପାଇଁ ଏକାନ୍ତ ଆବଶ୍ୟକ ବୋଲି ପ୍ରତିପାଦିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନୀ ତଥା ଦିଗପହଣ୍ଡି ବ୍ଲକ ଶିକ୍ଷା ଅଧିକାରୀ, ଡ. ଶଙ୍କର ନାରାୟଣ ବେଜ ଉପସ୍ଥିତ ରହି ବିଜ୍ଞାନର ସଦୁପଯୋଗ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଡ. ନିହାରିକା ସାମନ୍ତରାୟ ସଂଯୋଜନା କରିଥିବା ବେଳେ ମଞ୍ଚ ପରିଚାଳନା କରୁଥିଲେ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ଓ ଜିତେନ୍ଦ୍ର କୁମାର ପଣ୍ଡା। ପ୍ରଶିକ୍ଷିକା ଜୟନ୍ତୀ ବେହେରା, ଅନୁପମା ଦାସ, ଗୁରୁ ଛାତ୍ରଛାତ୍ରୀ ପ୍ରଜ୍ଞା ପରମିତା ପ୍ରଧାନ, ବିଷ୍ଣୁ ପ୍ରସାଦ, କୈଳାସ ଚନ୍ଦ୍ର ପୂଜାରୀ, ବର୍ଷା କୁମାରୀ ରଣା, ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀ, ଅପରାଜିତା ପଣ୍ଡା, ଚନ୍ଦନ କୁମାର ଗୌଡ଼, ଗାୟତ୍ରୀ ବୁଦ୍ଧବଳ ପ୍ରଭୃତି ସ୍ୱଳ୍ପ ଛାତ୍ରଛାତ୍ରୀ ନିଜର ଦକ୍ଷତାକୁ ପ୍ରତିପାଦନ କରିଥିଲେ। ପ୍ରଶିକ୍ଷକ ମୁକ୍ତି କାନ୍ତ ବେହେରା, ଗୁରୁ ଛାତ୍ରଛାତ୍ରୀ ପୂଜା ପରିମିତା, ଚନ୍ଦନ କୁମାର ଗୌଡ଼, ଗାୟତ୍ରୀ ଭୁଜବଳ, ଶୁଭ୍ରାଂଶୁ ଶେଖର ବେହେରା ପ୍ରଭୃତି ନିଜର ହାତର ଯାଦୁକରୀ ସ୍ୱର୍ଶରେ ତିଆରି କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା, ଶିକ୍ଷକ ପ୍ରଶିକ୍ଷିକା ଲିପି ଶ୍ରୀ ଦେବୀ, ଜୟନ୍ତୀ ବେହେରା, ଶିକ୍ଷକ ପ୍ରଶିକ୍ଷକ ମୁକ୍ତି କାନ୍ତ ବେହେରା, ସୁକୁଲେଇ ଟୁଡୁ, ଶିକ୍ଷକ ପ୍ରଶିକ୍ଷିକା ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ, ସେକ୍ସନ ଅଫିସର ପ୍ରବେଶ କୁମାର ପଟ୍ଟନାୟକ, ଆଇସିଟି ପ୍ରଶିକ୍ଷକ ମନୋରଞ୍ଜନ ବାରିକ୍, କନିଷ୍ଠ ଆସିଷ୍ଟାଣ୍ଟ ଆଶିଷ ରଞ୍ଜନ ସେଠୀ, ନିରୁପମା ପ୍ରଧାନ, ସୁକାନ୍ତି ସେଠୀ, ଜୟଶଙ୍କର ଗୌଡ଼ ଏବଂ ଅନୁଷ୍ଠାନର ସମସ୍ତ ସ୍ୱଳ୍ପ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସଂଯୋଜକ ଡ. ନୀହାରିକା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

● ଦଣ୍ଡଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

## ମଞ୍ଚସ୍ଥ ହେବ 'ମଣିଷ ଖୋଜୁଛି ଜରା ନିବାସ'



ଜି.ଉଦୟଗିରି,୧।୩(ସମିସ): ଆଗକୁ ଦଣ୍ଡଯାତ୍ରା ଆସୁଥିବା ବେଳେ ମା ରୁଦ୍ରକାଳୀ ନାଟ୍ୟସଙ୍ଘ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ସାମାଜିକ ନାଟକ 'ମଣିଷ ଖୋଜୁଛି ଜରାନିବାସ' ମଞ୍ଚସ୍ଥ ପାଇଁ ସ୍ଥିର କରାଯାଇଥିବା ବେଳେ ଆରମ୍ଭ ହୋଇଛି ଆଖଡ଼ା। ନବୀନ ମହାପାତ୍ରଙ୍କ ଦ୍ୱାରା ରଚିତ, କାଳୁଚରଣ ପଣ୍ଡା ଏବଂ ସମୀର କୁମାର ପାଢ଼ିଙ୍କ ନିର୍ଦ୍ଦେଶନାରେ ବରିଷ୍ଠ କଳାକାର ସୁଦର୍ଶନ ନାୟକ, ବ୍ରହ୍ମାନନ୍ଦ ନାୟକ, ବିଶୁ ମହାରଣା, ସୁଧୀର ସ୍ୱାଇଁ, ଜିତେନ୍ଦ୍ର କୁମାର ଦାଶ, ଝୁମୁକା ନାୟକ ଓ ବିରଞ୍ଚି ନାୟକ ସମେତ ବହୁ କଳାକାର ଅଂଶ ଗ୍ରହଣ କରିଛନ୍ତି। ନାଟ୍ୟ ସଙ୍ଘ ତରଫରୁ ପରିଚାଳକ ମଳୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଖଡ଼ା ଚାଲିଥିବା ବେଳେ ମନ୍ଦିର ପରିଚାଳନା କମିଟି ତରଫରୁ ଅଧିକାରୀ ଜବାରଲାଲ ପରିଛା, ପାଟଭୁକ୍ତା ଭାବେ ଶରଣ ପଞ୍ଚାର ମାଝୀଙ୍କ ଦାୟିତ୍ୱ ଦିଆଯାଇଛି।

## ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବେଲଗୁଣ୍ଠା,୧।୩(ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରମେଶ କୁମାର ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ବିଷୋୟୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଶିକ୍ଷା କେବଳ ଡିଗ୍ରୀ ହାସଲ କରିବାର ମାଧ୍ୟମ ନୁହେଁ, ବରଂ ଏହା ଜଣେ ଦାୟିତ୍ୱବାନ ନାଗରିକ ଗଠନର ମୂଳଦୁଆ। ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଫିରୋଜ କୁମାର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ ଓ ଯୁବ ସମାଜସେବୀ ଜିତେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ କରି ଛାତ୍ରୀ ଦୁଖୀମାଳା ଗୌଡ଼ ଏବଂ ଛାତ୍ର ପବିତ୍ର କୁମାର ଜେନା ଚଳିତ ବର୍ଷର କ୍ରୀଡ଼ା ଚମ୍ପିଅନ ଭାବେ ସମ୍ମାନିତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡଃ ପ୍ରଫୁଲ୍ଲ କୁମାର ଜେନା, ଅଜୟ କୁମାର ବିଶ୍ୱାଳ, ସପନ କୁମାର ପ୍ରଧାନ, ଲକ୍ଷ୍ମୀ ଗୌଡ଼, ପିଙ୍କି ପାତ୍ର, କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ ଏବଂ ଗ୍ରନ୍ଥାଗାରିକ ରଞ୍ଜିତ କୁମାର ସାମଲଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଏହାକୁ ସଫଳ କରିବାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଧରାକୋଟ,୧।୩(ସମିସ): ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ମା' ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବ ପାଞ୍ଚଦିନ ଧରି ଚାଲିଛି। ଏହି ପ୍ରତିଷ୍ଠା କାର୍ଯ୍ୟରେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ମଣ୍ଡଳାଧିକରଣ, ଅଙ୍କୁରାରୋପଣ, ବନଜାଗ, ରତ୍ନମୁଦ, ନାମ ଯଜ୍ଞ,ଜ୍ଞାନଯଜ୍ଞ, ଅର୍ଣ୍ଣଯଜ୍ଞ,ଗୋ ଯଜ୍ଞ, ସାଲା ସଂସ୍କାର,ସୂର୍ଯ୍ୟ ପୂଜା, ମହାସ୍ନାନ, ଜୀବନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ପରେ ଭଗବତୀଙ୍କ ସିଂହାସନ ଆରୋହଣ କାର୍ଯ୍ୟ ପ୍ରତିଷ୍ଠିତ ବ୍ରାହ୍ମଣ ଓ ପଣ୍ଡିତ ମାନଙ୍କ ଦ୍ୱାରା ହୋଇଥିଲା। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ପୂଜା ଅର୍ଚ୍ଚନା କରିଥିବା ବେଳେ ଶେଷ ଦିବସର ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ଯୋଗଦେଇ ପ୍ରତିଷ୍ଠା କାର୍ଯ୍ୟରେ ପୂର୍ଣ୍ଣାହୁତି ଦେଇଥିଲେ। ଅଞ୍ଚଳର ହଜାର ହଜାର ଲୋକ ଏହି ଧାର୍ମିକ କାର୍ଯ୍ୟରେ ଯୋଗଦେଇଥିଲେ। ପଦ୍ମପୁର ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ଉତ୍କଳ ବାପ୍ଟିଷ୍ଟ ମଣ୍ଡଳୀ ସମ୍ମିଳନୀର ବାର୍ଷିକ ମହାଅଧିବେଶନ



ନୂଆଗଡ଼,୧।୩(ସମିସ): ଗଜପତି ଜିଲ୍ଲା ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀ ଅନ୍ତର୍ଗତ ତାବରଡା ବାପଟିଷ୍ଟ ମଣ୍ଡଳୀ ଆୟୋଜନରେ ମଣ୍ଡଳୀ ସମିଳନୀର ୧୦୧ତମ ୪ଦିନିଆ ବାର୍ଷିକ ମହା ଅଧିବେଶନ ଶୁଭାରମ୍ଭ ହୋଇଛି। ଏହି ମହାଅଧିବେଶନ ଆଜି ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମିଳନୀର କୋଷାଧ୍ୟକ୍ଷ୍ୟ ପାଳକ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ଲିମା ପତାକା ଉତ୍ତୋଳନ, ସଭାପତି ପାଳକ ଆଚାର୍ଯ୍ୟ ଆମୋଦ କୁମାର ପାଣି ସଭାକୁ ଉଦଘାଟନ, ସମ୍ପାଦକ ପାଳକ ଆଚାର୍ଯ୍ୟ ଯିଶାହାକ ପାଣି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ସ୍ଥାନୀୟ ମଣ୍ଡଳୀର ପାଳକ ଆଚାର୍ଯ୍ୟ ନାଥନ ଲୋହରା ପ୍ରାର୍ଥନା ସଭା ଏବଂ ସମ୍ପାଦକ ବିଶ୍ୱଜିତ ଲିମ୍ମା ଅଭ୍ୟର୍ଥନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ବ୍ଲକ ଅଧ୍ୟକ୍ଷ ମାଳତୀ ପ୍ରଧାନ ଯୋଗ ଦେଇଥିଲେ। ପାଳକ ଆଚାର୍ଯ୍ୟ ଯୁଗଳ କିଶୋର ଲିମା ପ୍ରସଙ୍ଗ, ନୂଆଗଡ଼ରୁ ସ୍ୱାଧୀନ ପ୍ରଚାରକ ଆଚାର୍ଯ୍ୟ ଉପେନ୍ଦ୍ର ପରିଛା ଓ ପ୍ରଫେସର ରାଜପତି ପାଣି ବାକ୍ୟ ପରିବେଷଣ କରିଥିଲେ। ସେହିଭଳି ମହା ଅଧିବେଶନରେ ବକ୍ତା ଭାବେ ହାଇଦ୍ରାବାଦରୁ ବିଶପ ପ୍ରଫେସର ଯୋୟାବ ଲୋହାର ଓ ଡ. ସୁରଜ କାମରାଭେଲ୍ଲୀ, ଜାମସେଦପୁର ବିଶପ ଜିତୁ ଲିମା, ନାଗପୁରରୁ ଡ. ହୃଦ ରଞ୍ଜନ ଲୋହରା ବାକ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଅଧିବେଶନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଏବଂ ଜିଲ୍ଲାର ବହୁ ସଂଖ୍ୟକ ଖ୍ରୀଷ୍ଟିୟ ବିଶ୍ୱସୀ ଯୋଗ ଦେଇଛନ୍ତି। ଅଧିବେଶନକୁ ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମିଳନୀ ପରିଚାଳନା କରିଥିବା ବେଳେ ଉପ ସଭାପତି ପାଳକ ଆଚାର୍ଯ୍ୟ ଈଶଦେବ ପାଣି, ସହ କୋଷାଧକ୍ଷ ପାଳକ ଆଚାର୍ଯ୍ୟ ବିକାଶ କୁମାର ବର୍ଦ୍ଧନ, ଉପଦେଷ୍ଟା ପାଳକ ଆଚାର୍ଯ୍ୟ ଇସ୍ରାଏଲ ପାଣି ପରିଚାଳନା ସହଯୋଗ କରୁଛନ୍ତି।

## ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟୀକାକରଣ ଶୁଭାରମ୍ଭ



ଛତ୍ରପୁର,୧।୩(ସମିସ): ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍.ପି.ଭି) ଟୀକାକରଣ ଶୁଭାରମ୍ଭ ହୋଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍.ପି.ଭି) ଟୀକାକରଣ ଦ୍ୱାରା ମହିଳା ମାନଙ୍କର ଜରାୟୁ ଗ୍ରୀବା ମାରାତ୍ମକ କର୍କଟ ରୋଗକୁ ପ୍ରତିରୋଧ କରାଯିବାର ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ପାଢୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ଭବାନୀ ଶଙ୍କର ମିଶ୍ର, ଡିପିଏଚଓ ଡା ବାଲୁଙ୍କେଶ୍ୱର ଷଡଙ୍ଗୀ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା.ଅଲେଖ ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବ୍ଲକ ଉପାଧ୍ୟକ୍ଷା ଏସ.ସାରଦା ରେଡି ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଡିପିଏମ ବୁଲୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମେଡିକାଲର ସମସ୍ତ ଡାକ୍ତର, ନର୍ସ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ରୋଗୀକଲ୍ୟାଣ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଛତ୍ରପୁର ମେଡିକାଲରେ ୨୦ ଜଣ କିଶୋରୀ ବାଳିକାମାନେ ଟିକା ନେଇଥିଲେ।

## ସାମ୍ବାଦିକ ପ୍ରକାଶ ଚନ୍ଦ୍ର ପାଢ଼ୀଙ୍କ ଜୟନ୍ତୀ



ପାରଳାଖେମୁଣ୍ଡି,୧।୩ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ଓ ପ୍ରକାଶଚନ୍ଦ୍ର ପାଢୀ ସ୍ମୃତିସଂସଦ ମିଳିତ ଆନୁକୂଲ୍ୟରେ ଗଜପତିର ପ୍ରାକ୍ତନ ଦିବଂଗତ ବରିଷ୍ଠ ସାମ୍ବାଦିକ, ସମାଜସେବୀ, ସ୍ତମ୍ଭକାର, ସାହିତ୍ୟିକ ପ୍ରକାଶ ଚନ୍ଦ୍ର ପାଢୀଙ୍କ ୯୯ ତମ ଜୟନ୍ତୀ ପାଳନ ଉତ୍କଳ ସମ୍ମିଳନୀ ଗଜପତି ଶାଖାର ସଭାପତି ଭାରତଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଆଶାଲତା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଚିତ୍ରାନନ୍ଦ ବେବର୍ତ୍ତା ଏବଂ ଆବାହକ ବିକାଶ ଚନ୍ଦ୍ର ପାଢ଼ୀ ଯୋଗଦେଇ ବହୁମୁଖୀ ପ୍ରତିଭାର ଅଧିକାରୀ ସ୍ୱର୍ଗତ ପାଢୀଙ୍କ ସମ୍ପର୍କରେ କହିଥିଲେ। ଆଗାମୀ ବର୍ଷ ଏହି ଦିନ ପାଢୀଙ୍କ ଶତବାର୍ଷିକୀ ଉତ୍ସବ ମହାଆଡମ୍ବରରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସ୍ମରଣିକା ପ୍ରକାଶ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ଭାଷଣ ଗାୟତ୍ରୀ ପଟ୍ଟନାୟକ, ପରିଚୟ ପ୍ରଦାନ ସ୍ନେହା ବେହେରା, ଧନ୍ୟବାଦ ଅର୍ପଣ ପ୍ରିୟା ପ୍ରଧାନ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଡିଜେନ୍ ପାଢ଼ୀ, ଅଶ୍ୱିନୀ ବ୍ରହ୍ମା, ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ ଓ ବସନ୍ତ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଡି.ମୋହନ ରାଓ, ଶରତ ଚନ୍ଦ୍ର ସାହୁ, ମୂରଲୀଧର ପରିଛା, ରବୀନ୍ଦ୍ର ପଣ୍ଡା ଓ ସାଇସୁଧା ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଡି.ପ୍ରିୟଙ୍କାଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା।

### ବଢୁଛି ସଡ଼କ ଦୁର୍ଘଟଣା

# ଢିଲା ପାଟ୍ରୋଲିଂର ଫାଇଦା ନେଉଛନ୍ତି ନିଶାସକ୍ତ

ପୋଲସରା,୧।୩(ସମିସ)

ପୋଲସରା ଥାନା ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ସଡ଼କ ଦୁର୍ଘଟଣା। ପୋଲସରା ମ୍ୟୁନିସିପାଲିଟି ହେଉ କି ପଞ୍ଚାୟତର ଗ୍ରାମ ହେଉ ସବୁଠି ବଢୁଛି ଦୁର୍ଘଟଣା ଏବଂ ବଳିପଡୁଛନ୍ତି କମ ବୟସର ଶିକ୍ଷିତ ଓ ସାଧାରଣ ଯୁବକ। ମୁଖ୍ୟତଃ ପାର୍ବଣ ଋତୁ ଠାରୁ ଆରମ୍ଭ କରି ଦଣ୍ଡଯାତ୍ରା ଓ ବାହାଘର ଋତୁରେ ମାତ୍ରାଧିକ ଭାବେ ବଢୁଛି ସଡ଼କ ଦୁର୍ଘଟଣା। କେତେବେଳେ ବାଇକ ବାଇକ ମଧ୍ୟରେ ଧକ୍କା ତ କେତେବେଳେ କାର କାରକୁ ଧକ୍କା ପୁଣି କେତେକ ସ୍ଥାନରେ ବଡ଼ ଗାଡି ଚକାତଳେ ଯାଉଛି ଜୀବନ। ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଅକାଳରେ ବଳି ପଡୁଛନ୍ତି। କହିବାକୁ ଗଲେ ନିଶାସେବନ କରି ବେପରୁଆ ଭାବେ ଗାଡି ଚଲାଇବା ହିଁ ଦୁର୍ଘଟଣାର ମୁଖ୍ୟ କାରଣ ଅଟେ। ସେହିପରି ପୁଲିସର ଢିଲା ପାଟ୍ରୋଲିଙ୍ଗ ବ୍ୟବସ୍ଥା ସହ ବିନା ଲାଇସେନ୍ସରେ ଅଳ୍ପ ବୟସରେ କମ ଅଭିଜ୍ଞତାରେ ଦ୍ରୁତ ଗାଡିଚଳନା ମଧ୍ୟ ଅନ୍ୟ ଏକ କାରଣ ଅଟେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାଇ ୨୦୨୫ରେ ଦୁର୍ଘଟଣା ହାର ୭ ପ୍ରତିଶତ ବଢିଥିବା ବେଳେ ଅଧିକାଂଶ ମୃତକ ନିଶାସେବନ କରିଥିବା ଜଣାପଡିଛି। ସେହିପରି ପୋଲସରାର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ମଦବିକ୍ରି ଅହେତୁକ ଭାବେ ବଢୁଥିବାରୁ କଲେଜ ପଢୁଆଙ୍କ ଠାରୁ ଆରମ୍ଭ କରି ଅନ୍ୟ ସାଧାରଣ ଯୁବକ ନିଶାରେ ଜୁଡୁବୁଡୁ ହୋଇ ସହର ମୁଖ୍ୟ ରାସ୍ତାରେ ଦ୍ରୁତ ଗାଡି ଚଳାଚଳ ଯୋଗୁଁ ଅନେକ ନିରୀହଙ୍କ ମଧ୍ୟ ଅକାଳରେ ଜୀବନ ଯାଉଛି।



ସେହିପରି ପୋଲସରା ସହରକୁ ଆସୁଥିବା ଶତାଧିକ ବଡ଼ ଭାରୀଯାନ ସବୁ ମନଇଚ୍ଛା ପାର୍କିଂ କରୁଥିବା କାରଣରୁ ରାସ୍ତା ବ୍ଲକ ହେବା ମଧ୍ୟ ଅନ୍ୟ ଏକ ବଡ ବିପଦ ସାଜିଛି। ସହରର ସମସ୍ତ ପ୍ରବେଶ ପଥ ଯେପରିକି ଉସ୍ତାପଡ଼ା ଠାରୁ ରାଣୀପଡ଼ା ଛକ, ଖଣ୍ଡୁରୁ ଠାରୁ ଲଙ୍ଗଳେଶ୍ୱର ଛକ ଏବଂ ବେଲଗାଁ ଠାରୁ ଲୁଣିଘାଟି ପର୍ଯ୍ୟନ୍ତ ରାସ୍ତା ପାଲଟିଛି ଯାତ୍ରୀଙ୍କ ପାଇଁ ମରଣଯନ୍ତା। ବିଶେଷଭାବେ ଉସ୍ତାପଡ଼ା ଠାରୁ ପୋଲସରା ରାଣୀପଡ଼ା ଛକ ମଧ୍ୟରେ ଦୈନିକ ଘଟୁଛି ଏକାଧିକ ଦୁର୍ଘଟଣା ବେଳେବେଳେ ଘଟଣାସ୍ଥଳରେ ହିଁ ଚାଲିଯାଇଛି ଅନେକ ଲୋକଙ୍କ ଜୀବନ। ଏହା ବର୍ତ୍ତମାନ ଯମର ରାସ୍ତା ପାଲଟିଥିବା ସହରବାସୀ ଆଲୋଚନା କରୁଛନ୍ତି। କିନ୍ତୁ ବିଡମ୍ବନାର କଥା ଏସବୁ ସ୍ଥାନରେ ବାରମ୍ବାର ଦୁର୍ଘଟଣାରେ ନିରୀହ ଲୋକଙ୍କ ଜୀବନ ଦୀପ ଲିଭୁଥିଲେ ମଧ୍ୟ ପୁଲିସ କିମ୍ବା ପ୍ରଶାସନିକ ସ୍ତରରେ ସେଭଳି କୌଣସି ସତର୍କତା ବାର୍ତ୍ତା କିମ୍ବା ସଚେତନତା କରାଯିବା ଭଳି ସୂଚନା ବୋଡର୍ ମଧ୍ୟ ବ୍ୟବସ୍ଥା ନାହିଁ। ଅନ୍ୟପଟେ ଲୋକଙ୍କ ମଧ୍ୟରେ ସଚେତନତା ଏବଂ ମଦ୍ୟପ ଚାଳକଙ୍କୁ ଦଣ୍ଡର ବ୍ୟବସ୍ଥା ହିଁ ଏଭଳି ଅକାରଣେ ଦୁର୍ଘଟଣାକୁ ରୋକା ଯାଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

